ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।
ପୁରୁଜିତ୍କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ॥

ସକାଳ

# ଜୈବମଣ୍ଡଳୀର ସନ୍ତୁଳନ

ଅମ୍ଳଜାନ ମାଧ୍ୟମରେ ଉଦ୍ଭିଦ ଓ ପ୍ରାଣୀ ବଞ୍ଚିରହିଲେ ଓ ବଂଶ ବିସ୍ତାର କରିପାରିଲେ । ତେଣୁ ଜୀବଜଗତର ସୃଷ୍ଟି ଓ ସ୍ଥିତିପାଇଁ ଉଦ୍ଭିଦର ଭୂମିକା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏକାନ୍ତ ଅପରିହାର୍ଯ ମଧ୍ୟ । ମଣିଷ ବଞ୍ଚି ରହିବା ପାଇଁ ମଧ୍ୟ ନିର୍ଭର କରେ ଉଦ୍ଭିଦ ଉପରେ । ଏହାର କ୍ଷୟରେ ମନୁଷର ସ୍ଥିତି ଅସମ୍ଭବ । ତେବେ ସୃଷ୍ଟି ଆଉ ବିଲୟ ଭିତରେ ଏକ ସନ୍ତୁଳନ ଏକାନ୍ତ ଆବଶକ । ଈଶ୍ୱରଙ୍କ ସୃଷ୍ଟିରେ ଯେତିକି ଅମୂଲ ସମ୍ଭାର ଉପଲବ୍ଧ ତାକୁ ଯଦି ସଠିକ ଓ ନିୟନ୍ତ୍ରିତ ଭାବେ ଆମେ ବିନିଯୋଗ କରିବା ତା'ହେଲେ ମାନବ ସମାଜ ଓ ଉଦ୍ଭିଦ ଜଗତ ସମସ୍ତେ ସୁନ୍ଦରଭାବେ ଏ ସଂସାରରେ ତିଷ୍ଠି ରହିପାରିବ । ମଣିଷ ଦିନେ ଜଙ୍ଗଲରେ ହଜାରହଜାର ବର୍ଷ କାଟିଲାପରେ ସଭତାର ଏହି ପର୍ଯାୟରେ ପହଞ୍ଚିଛି । ଶୀତତାପ ନିୟନ୍ତ୍ରିତ କୋଠରିରେ ଜୀବନଯାପନ କରୁଥିବା ମଣିଷ ଦିନେ ଜଙ୍ଗଲର ଗିରିଗୁହାରେ ତ କେବେ ବୃକ୍ଷର କୋରଡ଼ରେ ବାସ କରୁଥିଲା । ଜଙ୍ଗଲ ହେଉଛି କୋଟିକୋଟି ବୃକ୍ଷଲତା, ଗୁଳ୍ମ, ପଶୁ, ପକ୍ଷୀଙ୍କର ଆବାସସ୍ଥଳୀ । ଆମେ ଜାଣିଥିବା ଓ ନଜାଣିଥିବା ଅସଂଖ ଉଦ୍ଭିଦଙ୍କର ଅମୂଲ ଗନ୍ତାଘର । ଦୁର୍ଭାଗର ବିଷୟ ଯେ ସମୟକ୍ରମେ ମଣିଷ ନିଜର ଗର୍ବ, ଅହଂକାର ଓ ସ୍ୱାର୍ଥସର୍ବସ୍ୱତା- ବଶତଃ ଜଙ୍ଗଲର ଆବଶ୍ୟକତା ଓ ଅପରିହାର୍ଯ୍ୟତାକୁ ଭୂଲିଯାଇ ଅବାରିତ ଭାବେ ଜଙ୍ଗଲ କ୍ଷୟ କରିଚାଲିଛି । ଯୁଗର ପରିବର୍ତ୍ତନ ସାଙ୍ଗକୁ ମଣିଷ ନିଜକୁ ସଭତାର ତାଳେତାଳେ ଆଗେଇନେବାକୁ ଯାଇ ପ୍ରକୃତିକୁ ଲୁଣ୍ଠନ କରିଚାଲିଛି । ଶିଳ୍ପ ବିପ୍ଳବ ଫଳରେ ରାତାରାତି ଜଙ୍ଗଲ କଟାଯାଇ ସୃଷ୍ଟିହେଲା ଅଟ୍ଟାଳିକା, ଶିଳ୍ପ କାରଖାନା । ଲୋକାରଣ ହୋଇଉଠିଲା ଶାନ୍ତ, ନୀରବ ବନାନୀ । କୋଠାବାଡ଼ି, ରାସ୍ତାଘାଟର ଆଧିକ ଯୋଗୁଁ ପ୍ରାକୃତିକ ପର୍ଯ୍ୟାବରଣ କ୍ଷତିଗ୍ରସ୍ତ ହେଲା । ଜୈବମଣ୍ଡଳୀର ସନ୍ତୁଳନ ପାଇଁ ଭୂପୃଷ୍ଠରେ ୩୩ଶତକଡ଼ା ଗଛଲତା ରହିବା ଜରୁରୀ । ସାରା ପୃଥିବୀରେ ଏହି ଅନୁପାତ ଦ୍ରୁତ ହ୍ରାସ ପାଇବାରେ ଲାଗିଛି । ଭାରତରେ ଏହା ଏବେ ୨୪ ଶତକଡ଼ାରେ ପହଞ୍ଚିଲାଣି । ଆମ ରାଜ୍ୟ ଓଡ଼ିଶାରେ କ୍ଷେତ୍ରଫଳର ୩୦ ଭାଗ ଜଙ୍ଗଲ । ଅବିଚାରିତ ଜଙ୍ଗଲକ୍ଷୟ ହେତୁ ଧୀରେଧୀରେ ପୃଥିବୀପୃଷ୍ଠରୁ ବିଗତ ବର୍ଷମାନଙ୍କରେ ୭୬ଟି ଜାତିର ପ୍ରାଣୀ ଓ ଶହଶହ ଜାତିର ଉଦ୍ଭିଦ ଲୋପ ହୋଇଗଲେଣି । ଆଉ ୧୩୨ଟି ଜାତିର ସ୍ତନପାୟୀ ପ୍ରାଣୀ ଏବଂ ୨୬ଟି ଜାତିର ପକ୍ଷୀ ଅବଲୁପ୍ତ । ପୃଥିବୀରେ ଆଠଟି ଜାତିର ହାତୀଙ୍କ ମଧ୍ୟରୁ ଛଅଟି ଜାତିର ହାତୀ ଏବେ ଆଉ ଦୃଶମାନ ହେଉନାହାନ୍ତି । ମାନବ ସଭତା ଆଜି ପ୍ରଳୟର ଏକ ଭାସମାନ ଅବସ୍ଥାରେ ପହଞ୍ଚିଛି । ସରକାରଙ୍କଠାରୁ ଆରମ୍ଭ କରି ଜନତା ପର୍ଯ୍ୟନ୍ତ ସମସ୍ତେ ସମନ୍ୱିତ ଭାବେ ଉଦମ କଲେ ଆମେ କୌଣସି କୂଳକିନାରା ହୁଏତ ପାଇପାରିବା । ତେବେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ସରକାରୀ ଯୋଜନା ଯେତେ ବଳିଷ୍ଠ ହେଉନା କାହିଁକି, ଏଥିରେ ଜନସହଯୋଗ ଏକାନ୍ତ ଜରୁରୀ । ଜଙ୍ଗଲକୁ ସୁରକ୍ଷିତ କରିବାସହ ନୂଆ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର । ସରକାରୀ କଳର ବଳ ଅଧିକ ଥିଲେ ମଧ ସେମାନଙ୍କ ନିଷ୍ଠା ନିର୍ଭର କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ । ସମସ୍ତ ସରକାରୀ ଅଧିକାରୀ ଏଥିରେ ବିମୁଖଥିବା କହିବା ଭୁଲ ହୋଇପାରେ ସିନା, ତେବେ ନିର୍ଦ୍ଦିଷ୍ଟ ଦାୟିତ୍ୱରେ ଥିବା ନିର୍ଦ୍ଦିଷ୍ଟ ବକ୍ତିଙ୍କ ସେହି ବିଷୟରେ ଆଗ୍ରହ ବା ନିଷ୍ଠା ନଥିଲେ ତାଙ୍କୁ ସମର୍ପିତ କାର୍ଯ ବିଫଳ ହୋଇଥାଏ । ସରକାରୀ ଜଙ୍ଗଲ ବିଭାଗ ଜଙ୍ଗଲ ସୁରକ୍ଷାରେ ଅଛନ୍ତି । ସାମାଜିକ ବନପ୍ରକଳ୍ପ ନୂତନ ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲ ସମ୍ପର୍କରେ ସଚେତନତା ପାଇଁ କାର୍ଯକରୁଛନ୍ତି କାହିଁ କେତେ ଦଶନ୍ଧି ଧରି । ତେବେ ତା'ର ପରିଣାମ ବା ଫଳାଫଳ ଅତନ୍ତ ନୈରାଶ୍ୟଜନକ । ବିଳମ୍ବରେ ହେଲେ ମଧ ଶାସନ ଓ ପ୍ରଶାସନ ସମସ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସେଥିରେ ସାମିଲ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ସମୟକ୍ରମେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଆପଣାର ଦକ୍ଷତା, କାର୍ଯ୍ୟନିଷ୍ଠତା ମଧ ପ୍ରତିପାଦିତ କରିପାରିଛନ୍ତି । ୧୯୯୦ ମସିହାରେ ରାଜ୍ୟସରକାରଙ୍କ ଦ୍ୱାରା ଆଗତ ଯୌଥ ଜଙ୍ଗଲ ପରିଚାଳନା ବିଲ ମାଧମରେ ସରକାରଙ୍କ ସଂସ୍ଥା ଓ ଜନସାଧାରଣଙ୍କୁ ଏକାଠି କରି ଜଙ୍ଗଲ ସୁରକ୍ଷ୍ୟାର ଦାୟିତ୍ୱ ଦିଆଯାଇଛି ବେସରକାରୀ ସଂସ୍ଥା ବା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ । ଯୌଥଜଙ୍ଗଲ ପରିଚାଳନା ବ୍ୟବସ୍ଥା ଗତ ଦଶ ପନ୍ଦର ବର୍ଷ ଭିତରେ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ଦ୍ୱାରା ଯଥେଷ୍ଟ ସଫଳତା ପାଇପାରିଛି ।

# ଭାରତୀୟ ପାନୀୟ ଚା'

**ଶେଖ୍ ଫରିଦ୍ଉଦ୍ଦିନ୍**

ରାତି ପାହିଲେ ଧନୀ ହୁଅନ୍ତୁ ବା ଗରିବ ସମସ୍ତେ ଖୋଜନ୍ତି ସକାଳର ସାଥୀ କୁହାଯାଉଥିବା ଚା'କୁ । କହିବାକୁ ଗଲେ ଆମ ଦେଶର ଜାତୀୟ ପାନୀୟ କହିଲେ ଚା'କୁ ସାଧାରଣରେ ବୁଝାଯାଏ । ଐତିହାସିକ ତଥ୍ୟ କହେ ପ୍ରଥମେ ବ୍ରିଟିଶମାନେ ଆମ ଦେଶକୁ ଚା' ଆଣିଥିଲେ । ସର୍ବପ୍ରଥମେ ୨୦୦୪ରେ ଭାରତ, ଶ୍ରୀଲଙ୍କା, ନେପାଳ, ଭିଏତନାମ୍, ବାଙ୍ଗଲାଦେଶ, ଇଣ୍ଡୋନେସିଆ, କେନିଆ, ଉଗାଣ୍ଡା, ତାଞ୍ଜାନିଆ ଓ ମାଲେସିଆ ପରି ଚା' ଉତ୍ପାଦନକାରୀ ରାଷ୍ଟ୍ରମାନେ ଏକତ୍ରିତ ହୋଇ ଆନ୍ତର୍ଜାତିକ ଚା' ଦିବସ ପାଳନ କରିବା ପାଇଁ ସ୍ଥିର କରିଥିଲେ । ଯାହାଦ୍ୱାରା ୨୦୦୪ ଡିସେମ୍ବର ୧୫ରେ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଆନ୍ତର୍ଜାତୀୟ ଚା' ଦିବସ ପାଳିତ ହୋଇଥିଲା । ପର ବର୍ଷ ଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଏହି ଆୟୋଜକ ସଦସ୍ୟ ରାଷ୍ଟ୍ରଙ୍କ ପ୍ରସ୍ତାବିତ ତଥ୍ୟ ଅନୁଯାୟୀ ଚା' ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଉତ୍ତମ ବନ୍ଧୁତ୍ୱ ଓ ସମନ୍ୱୟ ରହୁ । ଚା'ର ଯଥାର୍ଥ ମୂଲ୍ୟ ସହ ଚାଷୀ ଓ ଶ୍ରମିକ ସେମାନଙ୍କର ଉପଯୁକ୍ତ ପାରିଶ୍ରମିକ ପାଆନ୍ତୁ । ଅନେକ ହୁଏତ ଜାଣିନଥିବେ ୧୮୨୦ ମସିହା ବେଳକୁ ବ୍ରିଟିଶମାନେ ଆମ ଦେଶରେ ବିଶେଷକରି କେବଳ ଆସାମରେ ଚା'ଗଛ ଲଗାଇବା ଆରମ୍ଭ କରିଥିଲେ । ପରେ ୧୮୩୭ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଆସାମର ବାବୁଆ ଠାରେ ଚା'ବଗିଚା ସୃଷ୍ଟି କରିଥିଲେ । ଯାହାର ଫଳସ୍ୱରୂପ ୧୮୪୦ରେ ପ୍ରଥମେ ଆସାମ ଟି କମ୍ପାନୀ ଚା'କୁ ନେଇ ବ୍ୟବସାୟ ଆରମ୍ଭ କରିଥିଲା। ୧୮୫୦ ବେଳକୁ ଆସାମର ଅଧିକାଂଶ ଅଞ୍ଚଳରେ ଚା'ଚାଷ ବ୍ୟାପି ଯାଇଥିଲା । ପରବର୍ତ୍ତୀ ସମୟରେ ଦେଖାଗଲା ଊନବିଂଶ ଶତାବ୍ଦୀର ଶେଷ ବେଳକୁ ଭାରତରେ ଉତ୍ପାଦିତ ହେଉଥିବା ବାର୍ଷିକ ୭୧୫,୦୦୦ ଟନ୍ ଚା'ର ୭୫ ପ୍ରତିଶତ କେବଳ ଭାରତୀୟମାନେ ବ୍ୟବହାର କରୁଛନ୍ତି । ୨୦୧୫-୧୬ରେ ଦେଶରେ ସର୍ବମୋଟ ୧୨୩୩ ମିଲିୟନ କିଲୋଗ୍ରାମ ଚା' ଉତ୍ପାଦିତ ହୋଇଥିଲା । ଯାହା ମଧ୍ୟରୁ ୨୩୨.୯ ମିଲିୟନ କି.ଗ୍ରା ଚା' ୪୪୯୩ କୋଟି ଟଙ୍କାରେ ରପ୍ତାନୀ ହୋଇଥିଲା । ୧୯୦୭ ମସିହାରୁ ସର୍ବପ୍ରଥମ ବ୍ରିଟିଶ କମ୍ପାନୀ ଭାବେ ବ୍ରୁକବଣ୍ଡ ଭାରତୀୟ ଚା' ବିତରଣ କରୁଛି । ଭାରତରେ ଲୋକପ୍ରିୟ ପ୍ରସିଦ୍ଧ ଚା' ହେଉଛି ସବୁଜ ଚା', ଧଳାଚା', କଳା ଚା', ପୁଏର୍ ଟି ଓ ଉଲୁଙ୍ଗ ଟି ।

**ଦୂରସଞ୍ଚାର ଭବନ**
**ଲିଙ୍କରୋଡ଼, କଟକ,**
ମୋ:୯୪୩୭୦୦୪୮୮୮

# ଓଡ଼ିଶାର ମନଲୋଭା ବେଳାଭୂମି



**ଶରତ କୁମାର ରାଉତ**
ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ:୯୩୩୭୩୭୬୯୪୮

ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦଯର୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ। ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ବଙ୍ଗୋପସାଗର ମଧ୍ୟରେ ଥିବା ବିଭିନ୍ନ ଦ୍ୱୀପର ଉଦାହରଣ ନିଆଯାଇପାରେ। ଏକ କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈଘର୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ। ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ତଥା କଇଁଛ ପ୍ରଜନନ କେନ୍ଦ୍ର। ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ। ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ। ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ। ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟୋଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟ୍ଟୀ ଓ ଖରିନାସୀ ଜେଟ୍ଟୀ। ଜମ୍ବୁ ଜେଟ୍ଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଡ଼ା। ପ୍ରାୟ ୧୦୦ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟୋଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି। ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟୋଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ। ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ଭିତରକନିକା ଓ ଏହାର ଆଖପାଖ ଅଂଚଳର ବିକାଶ ତଥା କ୍ରୁଇଜ୍ ବ୍ୟବସ୍ଥା ପାଇଁ କେରଳ ଇନ୍ଲାଣ୍ଡ ଅଥରିଟି ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି। ସେହିପରି ୨୦୧୪ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ବତିଘର ଓ ଜମ୍ବୁ ଦ୍ୱୀପରେ ଥିବା ହୁକିଟୋଲାର ଶୀଘ୍ର ବିକାଶ ହେବାର ଆବଶ୍ୟକତା ରହିଛି। ହୁକିଟୋଲାରେ ଥିବା ବ୍ରିଟିସ୍ ଅମଳର କୋଠାକୁ ବିଶ୍ୱବ୍ୟାଙ୍କର ୧କୋଟି ୩ଲକ୍ଷ ୯୩ ହଜାର ଟଙ୍କା ଅନୁଦାନରେ ପୁନରୁଦ୍ଧାର କରାଯିବାର ବ୍ୟବସ୍ଥା ହୋଇଛି। ହୁକିଟୋଲା ଠାରେ ଗୋଟିଏ ଫ୍ଲୋଟିସ୍ ଜେଟି ନିର୍ମାଣ ହେବାର ପ୍ରସ୍ତାବ ରହିଥିବାବେଳେ ହୁକିଟୋଲା ଯା'ଆସ ପାଇଁ ନଦୀକୂଳ ଠାରୁ ହୁକିଟୋଲା ପର୍ଯ୍ୟନ୍ତ ଏକ ସଂଯୋଗ ରାସ୍ତା ନିର୍ମାଣ ହୋଇଛି। ହୁକିଟୋଲା ଠାରେ ମଧ୍ୟ ଏକ ୱାଚ୍ ଟାୱାର ନିର୍ମିତ ହୋଇଛି। ବାସ୍ତବିକ ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପଯର୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ। ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ ପାରିନଥିଲା। ହେଲେ ତାଙ୍କର ଅଧୂରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ।

ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଦେଶ ଓ ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ। ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି। ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ଏହାର ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ। ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର। ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ। ଆଉ ପର୍ଯ୍ୟଟକ ମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଟ୍ଟାଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି। ଏହା ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ମଧ୍ୟ ଲୋଭନୀୟ। ସେହିପରି କେନ୍ଦ୍ରାପଡ଼ାର ମନୋରମ ସାମୁଦ୍ରିକ ପର୍ଯ୍ୟଟନ ଓ ପର୍ଯ୍ୟଟନ ସ୍ଥଳ ଗୁଡ଼ିକୁ ପଟାୟା ଭଳି ବିକଶିତ କରାଯାଇ ପାରିଲେ, ଏହା ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ମଧ୍ୟରେ ଅଦ୍ୱିତୀୟ ହୋଇ ପାରିବ। ତେବେ ଏହି ଅଂଚଳକୁ ଏକ ଦୁର୍ଲ୍ଲଭ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ଅତି ବେଶୀରେ ୫୦୦ ରୁ ୬୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ। ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇ ପାରନ୍ତି। ଏହି ଆଶା ବାସ୍ତବରେ ପରିଣତ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେହେଁ ସନ୍ଦେହ ନାହିଁ। ଏହା ଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହେବା ସହ ସ୍ଥାନୀୟ ଅଂଚଳର ଆର୍ଥିକ, ସାମାଜିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହେବ। ସେହିପରି ଆମର ୪୮୦ କିମି ବ୍ୟାପୀ ମନୋରମ ଉପକୂଳର ପ୍ରାକୃତିକ ଦୃଶ୍ୟରାଜି ଓ ରାଜ୍ୟରେ ଥିବା ଅନେକ ଅପରୂପ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବିକାଶ ଆବଶ୍ୟକ ହୋଇ ପଡ଼ିଛି।

ବିଶ୍ୱର ଅନେକ ବିକଶିତ ଦେଶ ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି। ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି। ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ। ଏହି ଅଂଚଳର ପର୍ଯ୍ୟଟନ କ୍ଷେତ୍ରକୁ ବିଜୁ ପର୍ଯ୍ୟଟନ କ୍ଷେତ୍ରନାମରେ ନାମିତ କରାଯାଇପାରେ। ପଟାୟା ଭଳି ଦେଶ-ବିଦେଶର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ପରିଭ୍ରମଣ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମତରେ, ବିଶ୍ୱର ଅନ୍ୟାନ୍ୟ ଦ୍ୱୀପ ଠାରୁ ଆମ ଓଡ଼ିଶାର ଦ୍ୱୀପଗୁଡ଼ିକ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ। ବିଶ୍ୱ ବିଖ୍ୟାତ ପଯର୍ୟଟନ ସ୍ଥଳୀ ଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଠାରୁ ଆରମ୍ଭ କରି ସମୁଦ୍ର ଉପକୂଳର ଅପରୂପ ପ୍ରାକୃତିକ ଦୃଶ୍ୟ, ହୁକିଟୋଲା, ଜମ୍ବୁ, ବ୍ରିଟିଶ୍ ବାଣିଜ୍ୟର କୋଠା ଓ ମନୋରମ ଦ୍ୱୀପଗୁଡ଼ିକୁ ନେଇ ଏକ ବିଶାଳ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିବା ଉଚିତ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି। ତେବେ ଜିଲ୍ଲାରେ ଅସୁରକ୍ଷା ବଳୟରେ ରହିଥିବା ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ହେନ୍ତାଳ ଜଙ୍ଗଲ ଆଦି ଐତିହ୍ୟର ମଜଭୁତ୍ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି।

# ।।। ସୃଷ୍ଟିସ୍ଥିତି ବିନାଶ ।।।



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
ସମ୍ପାଦକ 'ବରେଣ୍ୟବାଣୀ'
ଅରୁଣଦୋୟ ନଗର, କଟକ

ଏହି ତିନି କର୍ମ ପାଇଁ ଏକ ଦେବୀଙ୍କୁ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ। ଏହି ଦେବୀ ମହାକାଳୀ। ଏହାଙ୍କର ଉପସନାକାରୀ ମଧ୍ୟରେ ଦୁଇଜଣ ସୂର୍ଯ୍ୟପୁତ୍ର, ଏକ ଯମ, ଦ୍ୱିତୀୟ ଶନି। ରାଶିଚକ୍ରରେ ଯମ ଏକ ନକ୍ଷତ୍ରର ଅଧିପତି ମାତ୍ର ଶନି ଦ୍ୱିତୀୟ ରାଶି ଅଧିପତି। ସଂସାରରେ ଶନି ଓ ଯମ ସମସ୍ତଙ୍କର ଡର ଗୋସେଇଁ। ଦ୍ୱିଜା ବା ଭରଣୀ ନକ୍ଷତ୍ର ଯମଙ୍କ ଅଧିକାରରେ ଭରଣୀର ଅର୍ଥ କଲେ ନିଶ୍ଚେ ବୁଝା ପଡ଼ିବ ଏକର ଅବସାନ ମାନେ ପଦ ଖାଲି ପଡ଼ିବ ନାହିଁ ଆଉ ଜଣେ ସେ ପଦବୀ ବା ଆସନକୁ ଆସିବା ରାଜ ମହଲରେ ଯେ ରାଜା ଥାଆନ୍ତି ତାଙ୍କର ଦେହାନ୍ତ ମାତ୍ରେ ସିଂହାସନରେ ତାଙ୍କର ଉତ୍ତରାଧିକାରୀ ଯୋଗାଡ଼ ହୋଇ ରାଜପଦରେ ରହିବା ପରେ ବିଗତ ରାଜାଙ୍କର ଶବ ସତ୍କାର ଆଦେଶ ନିଆଯାଏ। ନିର୍ବାଚନରେ ଏକ ସମୟ ଧାଯର୍ୟ ନିୟମ ଲାଗୁଛି ଏଥିରେ ଲୋକ ନିର୍ବାଚିତ ବ୍ୟକ୍ତି ଆସିଲେ ମିଯାଦ ପୁରିବା ପଦବୀଧାରୀ ଅନ୍ତର ହୁଅନ୍ତି ବା ପୁନଃ ନିର୍ବାଚନ ହେଲେ ବି ଆଉଥରେ ଶପଥ ପାଠର ମଞ୍ଚକୁ ଆସନ୍ତି ହଠାତ୍ ଏକ ବଡ଼ ପଦବୀଧାରୀ ଅନ୍ତ ହୋଇଗଲେ ଅନ୍ୟଜଣଙ୍କୁ ତାଙ୍କ ଆସନକୁ ଅଣାଯାଉଛି। ଏ କାଯର୍ୟ ଯଜରାଜଙ୍କର ଅଧିନ ପ୍ରକୃତରେ ଯମ ମାନେ ନିୟମ। ସମ୍ପତ୍ତି ଉପଭୋକ୍ତା ବାପ, ମାଆଙ୍କର ତାଙ୍କର ସନ୍ତାନମାନେ ହେଲେ ବି ବାପ ମାଆ ଋଣ କରିଥିଲେ ତାକୁ ଶୁଝିବାକୁ ଦାୟିତ୍ୱ ବି ନିଭାଇବାକୁ ପଡ଼େ। ଏହାର ଅର୍ଥ ଏହା କି ଯମ ନିୟମ। ପୂର୍ବେ ହ୍ୟାଣ୍ଡନୋଟ କରି କେହି ଟଙ୍କା କରଜ କରି ଆଣିଥିବା ବ୍ୟକ୍ତି ହଠାତ୍ ମରିଗଲେ ଟଙ୍କାଲଗ୍ନୀ ଲଗାଇଥିବା ମହାଜନ ଲୋକ ଦ୍ୱାର ମୁହଁରେ ଆସି ବସି ମୃତବ୍ୟକ୍ତିର ଶବ ସତ୍କାର କରାଇ ଦେଉନଥିଲେ କେହି ଟଙ୍କା ଶୋଧର ଭାର ନେଲେ ବା ଟଙ୍କା ଶୋଧ କରିଦେଲେ ଶବ ସତ୍କାର ହେଉଥିଲା। ଯମ କଠୋର ବୋଲି ସର୍ବଜନ ଭୟର ଦେବତା ଓ ମହାଭୟକାରିଣୀ ଦାୟିନୀ ଦକ୍ଷିଣା କାଳୀ ତାଙ୍କର ଇଷ୍ଟ। ସଂସାରରେ ଧର୍ମ ଅଧର୍ମ ଦୁଇ ମାର୍ଗ ଅଛି। ଅଧର୍ମ ହେଲା ସାମାଜିକ ଚଳନୀ ଧର୍ମୀୟ ଚଳନୀ ଅନ୍ୟର ଅଧିକାର ହରଣ ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ବହୁ କଷ୍ଟଦେବା, ନିଜର ବହୁତ ଅଛି କିନ୍ତୁ କିଛି କାମକୁ ଆସୁନାହିଁ ଅଥଚ ଅନ୍ୟର ସେହି ଦ୍ରବ୍ୟ ତତ୍କାଳ ବହୁ ଦରକାରୀ ଏକଥା ନବୁଝିଲେ ହିଁ ଅଧର୍ମ। ଆଉ ଧର୍ମ ହେଲା ଏସବୁର ନିୟମକୁ ମାନି ଚଳିବା। ଏଥିରେ ଧର୍ମରେ ଗଲେ ପୁଣ୍ୟ, ଅଧର୍ମରେ ଗଲେ ପାପ। ଯମରାଜ କାଳଦଣ୍ଡ ଧରି ଶାସନ କରି ପ୍ରତି ଜୀବର ନିତ୍ୟ ସର୍ବଦା ଧର୍ମ। ଧର୍ମ ଲିଖନ ତାଙ୍କର ଦପ୍ତରରେ ଚିତ୍ରଗୁପ୍ତ (ଚିତ୍ରଗୁପ୍ତ କରେ ଯେ)ଙ୍କ ଦ୍ୱାରା ଲେଖା ରହୁଛି। ବ୍ୟକ୍ତିଗତ ନଥିରେ ରଖାଯାଉଛି।

ପ୍ରକୃତରେ ଲେଖାଅଛି ଚାଷ ତରତର ବାଣିଜ୍ୟ ମଠ' କେହି ଏହାକୁ ଓଲଟାଇ ଚାଷ ମଠ ବାଣିଜ୍ୟ ତର ତର ନିଜ ବୁଦ୍ଧିରେ କଲେ ଏଥିରେ ଦଣ୍ଡ ଭୋଗିବାକୁ ପଡ଼ିବ କି ନାହିଁ। ତର ତର ଚରରେ ଆସେ ମଠ ମନ୍ଥର ସ୍ଥିରରେ ଆସେ। ବାର ମାସରେ ଯେମିତି ବାର ପ୍ରକାର ସୂର୍ଯ୍ୟକିରଣରେ ଖରାବର୍ଷା। ଶୀତ ଭୋଗକୁ ବିଭିନ୍ନ ପ୍ରକାର ପୃଥିବୀରେ ଦ୍ରବ୍ୟ ଉପଲବ୍ଧ ପ୍ରାକୃତିକ ସ୍ତରରେ ପରିବର୍ତ୍ତନ ସେମିତି ବାର ରାଶିରେ ଶନି ବାର ପ୍ରକାର ପରିବର୍ତ୍ତନ ବି ଦିଅନ୍ତି। ଏକ ବର୍ଷରେ ରାଶି ଚକ୍ରକୁ ରବି ଘୁରିବାବେଳେ ଶନି ୩୦ ବର୍ଷରେ ରାଶିଚକ୍ରକୁ ଘୁରନ୍ତି। ଶନି ଦ୍ୱିତୀୟ ଘରେ ପାଞ୍ଚ ବର୍ଷ ରହନ୍ତି। ଆମର ନିର୍ବାଚନ ପ୍ରକ୍ରିୟାରେ ଏହି ଶନିଙ୍କର ଗତି ଧାର୍ଯ୍ୟ ସମୟ ନିଆଯାଇଛି। ସମୟକୁ କାମରେ ଲଗାଇବା, ମାସ ଓ ଋତୁ ଅନୁସାରେ କୃଷକ ବଣିଜ ଶ୍ରମିକ ଏମିତି ପ୍ରଶାସନ ଦ୍ୱାରା ଜଣାଯାଏ। ପୂର୍ବେ ଏକ ନିୟମ ଥିଲା ବଜେଟ ଧାର୍ଯ୍ୟ ମାର୍ଚ୍ଚରେ ହେଉଥିଲା। ଯାହା ଶନିଙ୍କର ସ୍ଥିର ରାଶିର ମାସ ମାର୍ଚ୍ଚ ମାନେ ଆଗେଇବା। ଏହା ସୈନ୍ୟ ପୋଲିସ ପାଇଁ ଲାଗେ ଏହା ଶନିଙ୍କର ଏହି କୁମ୍ଭ ପାଇଁ ଲାଗିବ ମାସ। ଆମ ରାଜକୀୟ ବିଜୁବାବୁଙ୍କ ନାମର ରାଜନୈତିକ ଦଳର ଶାସନ ତାର ଅୟମାରମ୍ଭ ମାର୍ଚ୍ଚ ମାସରେ ହିଁ ହୋଇଛି। ଆମେରିକା ରାଷ୍ଟ୍ରପତି ସେମିତି ଚାରି ବର୍ଷରେ ଶନିଙ୍କ ଅଧିକୃତ ମାସରେ ହିଁ ହେଉଛି। ବିଭିନ୍ନ ସଂହିତା ଅନୁସାରେ ଲୋକେ ବଢ଼ିଲେ ସମସ୍ୟା ବଢ଼ିବ। ଶନି ଏପରି ଗ୍ରହ ଏହି ସବୁ ଲୋକ ସଂଖ୍ୟା କମ ବେଶୀ ପାଇଁ ଦାୟୀ। ଲୋକେ ଲୋକଙ୍କ ଦ୍ୱାରା ଦଣ୍ଡ ପାଉଛନ୍ତି ଏ ଦୁର୍ବୁଦ୍ଧି ବିଚାର ବୁଦ୍ଧି ସଂଯମ ଅଭାବରୁ ହିଁ ହେଉଛି। କିଏ ଶୋଇଥିଲେ ତାକୁ ଉଠାଇବାକୁ ମନା, ଏପରି ନିୟମ ହୁଏତ ବର୍ତ୍ତମାନ ଅଣଦେଖା, ଅକାଳ ବିୟୋଗ ଶତ୍ରୁର ରକିଦେଲେ ନିଜର ବହୁଲାଭ ହୋଇଯିବ ଭାବି ମାରଣାସ୍ତ୍ରମାନ ତିଆରି କରି କରି ଶେଷରେ ନିର୍ମୂଳ କରିବା ଚିନ୍ତା ଲୋକଙ୍କ ମନରେ ପଶିଲାଣି। ରୋଗର ଉତ୍ସ ଜୀବାଣୁ ଭାଇରାଲ ଯାହାକୁ ମାରିବାକୁ ମାରଣାସ୍ତ୍ରର ପ୍ରତ୍ୟକ୍ଷ ଶକ୍ତି ନାହିଁ ତେବେ ଏହାର ଅଦୃଶ୍ୟ ଧାରା ତା ଉପରେ କାମ କରେ ଖଡ୍ଗ ଦ୍ୱିଧା କରେ। ଗଦା ବିଚୁର୍ଣ୍ଣ କରେ, ବର୍ଚ୍ଛା ନାରାଚ ଗଭୀର କ୍ଷତ କରେ, ଅଗ୍ନୀ ଭସ୍ମୀଭୂତ କରେ, ସର୍ବପାଶ ବନ୍ଧନ କରେ ଏହାର ଦୃଶ୍ୟମାନ ଶକ୍ତି ଅଦୃଶ୍ୟ ମାନ ଶକ୍ତି ଦୁଇ ଧାରାରୁ ରୋଗ ଶତ୍ରୁର ଅନ୍ତ ଏସବୁର ଅଦୃଶ୍ୟମାନ ଶକ୍ତିରୁ କରାଯାଏ। ରସାୟନ ମାନଙ୍କର ମିଶ୍ରଣରେ ରୋଗ ପାଇଁ ଔଷଧ ବାହାରୁଛି ଏସବୁ ପ୍ରକୃତରେ କଥିତ ଅସ୍ତ୍ରଙ୍କର ଅଦୃଶ୍ୟ କାର୍ଯ୍ୟ।

ଯୁଦ୍ଧବିନା ଶାନ୍ତି ସମ୍ଭବ ନୁହେଁ ବିଗତକାଳ ଯୁଦ୍ଧ ସବୁ ଅସ୍ତ୍ର ନିର୍ମାଣ ପାଇଁ ଦିଗଦର୍ଶନ ଦେଇ ଆସିଛି। ଭାବନା ଅସ୍ତ୍ର ଥିଲେ ବାଳବାନ ବୋଲି ବିବେଚନା କରାଯାଇ ଅନ୍ୟକୁ ଦୂରେଇ ରଖାଯିବ ମାତ୍ର ତହୁଁ ବଡ଼ା ତହୁଁବଡ଼ା ଶକ୍ତି ସାମର୍ଥ୍ୟ ପ୍ରଦର୍ଶନ ଚାଲିଛି। ଶନି ଏସବୁ ପାଇଁ ଦାୟୀ, କୁମ୍ଭ ରାଶି ଏକ ମାଠିଆର ସଦୃଶ। ସଂସାରରେ ଅମୃତମୟ ପରିବେଶ ସମସ୍ତେ ଚାହାଁନ୍ତି ମାତ୍ର 'ବିଷକୁମ୍ଭ ପୟ ମୁଖମଂ ଧାରା ଉପୁଜିଛି। ଏଥିପାଇଁ ଶନି ବଛା ବଛି କରିବା ପାଇଁ ମକରରେ ସଂକଳ୍ପବଦ୍ଧ। କୌଣସି ଦେଶରେ ଏବେ ପ୍ରଜାଙ୍କର ଆୟ ନାହିଁ ରୋଗ ଭୟରେ ତ୍ରାହି ତ୍ରାହି ମଧରେ ଯୁଦ୍ଧ ଆତଙ୍କ ଖାଦ୍ୟଦ୍ରବ୍ୟ ଆମଦାନୀ ବା ଫଳନ ନାହିଁ ହେଲେ ଭୋକ କଣ ବୋଲି ମାନିବ? ଗଚ୍ଛିତ ଅର୍ଥ ସ୍ଥିର ଅର୍ଥ ସଞ୍ଚିତ ଅର୍ଥ ଖର୍ଚ୍ଚ ହୋଇ ସମସ୍ତଙ୍କର ଚାଲିଛି। ଅନ୍ୟ ଶାସ୍ତ୍ରରେ ଶନି ମହାମାରୀର ମାଲିକ ସେ ଦୁଇ ପାଣି ରାଶି ମକରରୁ ମୀନ ଓ କର୍କଟକୁ ନଜର ପକାଉଥିବାରୁ ମନୁଷ୍ୟର ଶରୀର ରସାୟନ ଦୁର୍ବଳ ହୋଇ ଆୟୁ କ୍ଷୟ କରାଉଛି। କାଳୀଙ୍କ ପାର୍ଶ୍ୱଚର 'ବିଲୁଆ' ଥିବା ଦେଖାଯାଏ, ରକ୍ତବୀଯର୍ୟ ରାକ୍ଷସର ଅମରତ୍ୱକୁ ଏମାନେ ବିଶୋଷିତ କରିଥିଲେ ଏହି କରୋନା ରକ୍ତବୀଯର୍ୟ ଦେବୀ ମାଆଙ୍କ କରୁଣା ରୂପ ଭକ୍ତ ରକ୍ଷଣ ଦିଗକୁ ଗଲେ ଏହି ବିଲୁଆ (ଶିବ)ଶକ୍ତି ଏ ରୋଗକୁ ବିଶୋଷିତ କରିଦେଇ ପାରନ୍ତି। ଶନି ଓ ଯମଙ୍କ ଭୟରେ କେହି ସତ୍ ମାର୍ଗର କର୍ମ ଛାଡ଼ିବା ଠିକ୍ ନୁହେଁ। ଯେଉଁ ମାଆଙ୍କର ସେ ଦୁଇ ଉପସନା କରୁଛନ୍ତି ତାଙ୍କୁ ଅତିଭକ୍ତିରେ ଉପାସନା କଲେ ସେ ଖୁସି ହେବେ। ଭାଇମନେ କରିବେ ଭଉଣୀ ମନେକରିବେ ତେବେ ଦଣ୍ଡ କଣ ଲାଘବ ହେବନାହିଁ। ଦେବୀମାଆଙ୍କର ପ୍ରାତିକାରୀ ଚଣ୍ଡୀମନ୍ତ୍ର ଅଛି। ପ୍ରତି ଶକ୍ତି ପୀଠରେ ଏହାକୁ ଅନ୍ତତଃ ଏକ ସପ୍ତାହ ପ୍ରତିଦିନ ପାଠ କରାଯିବା ଦରକାର। ରାଜବିଧିରେ ବି କରାଯାଇ ପାରିବ। ସୃଷ୍ଟି ସ୍ଥିତି ବିନାଶନଂ ଶକ୍ତି ଭୂତେ ସନାତନୀ, ଶରଣ ତ୍ୟମୂଳେ ଗୌରୀ ନାରାୟଣୀ ନମସ୍ତୁତେ। ଏହାକୁ ରୋଗୀ, ରୋଗ ଚିକିତ୍ସକ ଶାସନାଧିକାରୀ ଓ ପ୍ରତି ଗୃହରେ ଏ ସମୟରେ ଆବୃତ୍ତି କରାଯାଉ।

*ସମ୍ପାଦକ 'ବରେଣ୍ୟବାଣୀ'*
*ଅରୁଣୋଦୟ ନଗର, କଟକ,*
*ମୋ ୯୪୩୭୧୦୩୧୨୫୩*

# ଯୁବସମାଜ ନିମ୍ନଗାମୀ କାହିଁକି ?

**ରମଣୀ ରଂଜନ ଦାସ**

ଆଜିର ଶିଶୁ କାଲିର ନାଗରିକ । ବର୍ତ୍ତମାନର ଯୁବସମାଜକୁ ଦେଖିଲେ ଲାଗେ ନାହିଁ, ସେମାନଙ୍କର ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ ଅଛି । ଯୌବନର ପାହାଚରେ ମନର ଅଦମ୍ୟ ବାସନା ଓ ଅସୁମାରୀ ରଙ୍ଗୀନ ସ୍ୱପ୍ନ ଟାଣି ନେଇଛି । ସେମାନେ ଜାଣି ପାରୁନାହାନ୍ତି ତାଙ୍କରି ଉପରେ ଥିବା ଆଗାମୀ ଦେଶର ଭବିଷ୍ୟତ ଓ ଦାୟୀତ୍ୱବୋଧ ।

ଶିଶୁ ଜନ୍ମ ନେଲେ ଆରମ୍ଭ ହୁଏ ତା'ର ଦୀର୍ଘପଥର ଯାତ୍ରା । ଯାହାର ଅନ୍ତ ହୁଏ ମୃତ୍ୟୁରେ । ଏହି ପଥରେ ତା'ର ଜୀବନରେ ଆସେ ଅନେକ ପରିବର୍ତ୍ତନ । ଶିଶୁ ପରେ ସେ ହୁଏ କୈଶୋର, ତା'ପରେ ସେ ପହଞ୍ଚେ ଯୌବନରେ । ସେହି ସମୟ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମୟ ଯାହାକୁ ନେଇ ଆରମ୍ଭ ହୁଏ ଜୀବିକାର ଉପକ୍ରମ । ଦେଶକୁ ଦେଖାଇ ଦିଏ କାର୍ଯ୍ୟଦକ୍ଷତା ଆଉ ଜନ୍ମଦାତା ପିତାମାତାଙ୍କର ମନରେ ଭରିଦିଏ ଅନେକ ରଙ୍ଗୀନ ଆଶା ଓ ଆକାଂକ୍ଷା । ଯୌବନରେ ପାଦ ଦେବା ପରେ ସେ ଯୁବକ ଅଥବା ଯୁବତୀ, ତାକୁ ବହନ କରିବାକୁ ପଡ଼ିଥାଏ ପରିବାର, ସମାଜ ଓ ଦେଶମାତୃକାର ଗୁରୁଦାୟିତ୍ୱ । କାରଣ ବ୍ୟକ୍ତିକୁ ନେଇ ପରିବାର, ପରିବାରକୁ ନେଇ ସମାଜ, ସମାଜକୁ ନେଇ ଦେଶ ଓ ଦେଶକୁ ନେଇ ବିଶ୍ୱ । ତେଣୁ ଯୁବସମାଜ ହିଁ ଆମ ଦେଶ ଓ ଜାତିର ମେରୁଦଣ୍ଡ । ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ସବୁକ୍ଷେତ୍ରରେ ଉନ୍ନତି ଘଟିଛି । ମାତ୍ର ଆମର ବହୁ ପୁରାତନ ପ୍ରାଚୀନ ସଂସ୍କୃତି ଓ ମହାନ ପରମ୍ପରାର ପ୍ରାଚୀରକୁ ଭାଙ୍ଗି ଦେଶରେ ଦେଖା ଦେଇଛି ପାଶ୍ଚାତ୍ୟ ସଭ୍ୟତା ଓ ନଗ୍ନ ଆଧୁନିକତା । ଅଶ୍ଳୀଳତାର ନଗ୍ନ ଛବି ଅଧିକ ମାତ୍ରାରେ ଗ୍ରାସ କରିଛି ଆମଦେଶର ଅନେକ ଯୁବକଯୁବତୀମାନଙ୍କୁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରେମବିବାହ କରୁଛନ୍ତି ଅନେକେ । ଫଳରେ ସମାଜ ଶୃଙ୍ଖଳାରେ ପ୍ରତିବନ୍ଧକ ଘଟୁଛି । ନିରକ୍ଷର ଓ ସ୍ୱାକ୍ଷରତା ହାରରେ ତାରତମ୍ୟ ରହୁନାହିଁ । ସ୍ଥାନ, କାଳପାତ୍ରରେ ବାଧବାଧକତା ନାହିଁ । ଯୁବକଯୁବତୀମାନେ ହୋଟେଲ, କ୍ଲବ ରେଷ୍ଟୋରାରେ ଉଶୃଙ୍ଖଳ ନାଚ ଦେଖିବାବେଳେ ରମ୍, ବିଅର, ହ୍ୱିସ୍କି, ଚରସ, ସିଗାରେଟ, ଗଞ୍ଜେଇ ଖାଇ ମତୁଆଲା ହେଉଛନ୍ତି । ଆଜିର ଯୁବକ ଯୁବତୀମାନେ ଅନେକେ ଅତ୍ୟାଧୁନିକତା ନାମରେ ଆଗେଇ ଯାଇ ପରିତ୍ୟାଗ କରୁଛନ୍ତି ସେମାନଙ୍କର ଲଜ୍ଜା ଓ ଶାଳୀନତା । ଲଜ୍ଜା ହିଁ ନାରୀର ଶ୍ରେଷ୍ଠଭୂଷଣ । ମୁଖ୍ୟତଃ ଗୁରୁଜନ ପିତାମାତାଙ୍କ ଏହା ମୁଖ୍ୟଦାୟିତ୍ୱ ।

ପ୍ରତିବର୍ଷ ସରକାର ରାଜସ୍ୱ ଅଧିକ ପାଇବା ପାଇଁ ସହର ଓ ମଫସଲରେ ଦେଶୀ, ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ସ୍କୁଲ, କଲେଜ ପାଖରେ ଥିବା ହାଟ, ପାନଦୋକାନ, ପେଟ୍ରୋଲ ଦୋକାନରେ ମଦ ବିକ୍ରୀ ହେଉଅଛି । ଯୁବକମାନେ ମଦ ପାନ କରି ମତୁଆଲା ହୋଇ ନାରୀଧର୍ଷଣ, ଲୁଣ୍ଠନ, ବ୍ୟାଙ୍କ ଡକାୟତୀ ଇତ୍ୟାଦି ଭଳି ସମାଜରେ ବହୁ ଲୋମହର୍ଷଣକାରୀ ଘଟଣା ଘଟୁଛି । ଏଥିନିମନ୍ତେ ମୁଖ୍ୟତଃ ସରକାର ଦାୟୀ । ଅନ୍ୟ ପକ୍ଷରେ ଏହି ହିଂସ୍ର ଆଧୁନିକତାର ମୁଖ୍ୟ କାରଣ ସାଜିଛି ଆମ ନଗ୍ନ ସିନେମା । ଦେଶର ସବୁ ଅଞ୍ଚଳରେ ବିଭୀଷିକାର ଲେଲିହାନ ଶିଖା । ଆଶ୍ଚର୍ଯ୍ୟର କଥା ଆଜିର ଶିଶୁ କିଶୋର ଏସବୁ ଦେଖି ଶିଖି ଆପେଣାଇ ନେଲେଣି ଏହି ଆଧୁନିକତାକୁ । ଆଜି ମଧ ଆମ ଦେଶର କୋଟି କୋଟି ଜନତା ଦୁଃଖ ଦାରିଦ୍ର୍ୟତାରେ କାଳାତିପାତ କରୁଛନ୍ତି । ଖାଇବାକୁ ନପାଇ ନିଜ ଶିଶୁକୁ ବିକ୍ରି କରିଦେଉଛି । ଅନାହାର ସଂଖ୍ୟା ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଜନସଂଖ୍ୟା ବହୁଳ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ପିଲା ବିକ୍ରି ସଂଖ୍ୟା ବେଶୀ । ଏପରି ସ୍ଥଳେ ଆଧୁନିକତାର ଦ୍ୱାହିରେ ଦେଶର ଭବିଷ୍ୟତ ଯୁବସମାଜ ନିଜ ନିଜର ଦାୟିତ୍ୱ ଭୁଲିଯିବା କ'ଣ ଉଚିତ । ଅତ୍ୟାଧୁନିକତାର ମରୀଚିକା ପଛରେ ଧାବମାନ ହୋଇ ଅର୍ଥ ଆତ୍ମସାତ୍ କରିବା କ'ଣ ପ୍ରକୃତ ପକ୍ଷେ ସ୍ମରଣୀୟ । ଦେଶ ଆଜି ସଂକଟ ମଧଦେଇ ଗତି କରୁଛି ।